## ସଂକ୍ଷେପରେ

### ବିଷ ପିଇ ଯୁବକଙ୍କ ମୃତ୍ୟୁ

ବୁଗୁଡ଼ା,୨୬।୭(ଡି.ଏନ.ଏ.): ବୁଗୁଡ଼ା ଥାନା ଭାମଶିଆଳି ଗ୍ରାମ ଆମ୍ବିଳିଝର ତୋଟାରୁ ଶୁକ୍ରବାର ସକାଳ ପ୍ରାୟ ୬ଟାରେ ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁଗୁଡା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଯୁବକ ଜଣକ ହେଲେ କବିସୂର୍ଯ୍ୟନଗର ଥାନା ପାଇକଯମୁନା ଗ୍ରାମର ମନୋଜ ଖଟାଇ (୩୦)। ଏନେଇ ବୁଗୁଡ଼ା ଥାନାରେ ୧୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ମନୋଜ ଗୁରୁବାର ଶ୍ୱଶୁର ଘର ଭାମଶିଆଳିକୁ ଆସିଥିଲେ। ଶୁକ୍ରବାର ସକାଳେ ଭାମଶିଆଳି ଗ୍ରାମ ନିକଟ ଆମ୍ବିଳିଝର ତୋଟାରେ ଗୁରୁତର ଅବସ୍ଥାରେ ପଡିଥିବା ଖବର ପାଇ ତାଙ୍କ ଶଶୁରଘର ଲୋକେ ଉଦ୍ଧାର କରି ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଖବର ପାଇ ବୁଗୁଡ଼ା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇଛି। ପ୍ରାଥମିକ ତଦନ୍ତରୁ ସେ ବିଷ ପିଇ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି।

### ବିଦ୍ୟୁତ୍ ଆଘାତରେ ପୂର୍ବତନ ସରପଞ୍ଚଙ୍କ ମୃତ୍ୟୁ



ଖଲ୍ଲିକୋଟ,୨୬।୭(ଡି.ଏନ.ଏ.): ଖଲ୍ଲିକୋଟ ବ୍ଲକ ଚଣ୍ଡିପୀଠ ଗ୍ରାମର ମଙ୍ଗୁଳି ଚରଣ ସେଠୀ (୬୫)ଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଛି। ସେ ଘରେ ପାଣିପମ୍ପ ସଂଯୋଗ କରୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଖଲ୍ଲିକୋଟ ଡ଼ାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ମଙ୍ଗୁଳି ବିକ୍ରମପୁର ପଞ୍ଚାୟତର ୨୦୦୫ରୁ ୨୦୦୯ ପର୍ଯ୍ୟନ୍ତ ସରପଞ୍ଚ ଥିଲେ। ତାଙ୍କ ମୃତ୍ୟୁରେ ପଞ୍ଚାୟତରେ ଶୋକ ପ୍ରକାଶ ପାଇଛି।

### ପ୍ରବଳ ବର୍ଷା: ଗଛପଡ଼ି ଭାଙ୍ଗିଲା ସ୍କୁଲ ପାଚେରି



ବାଲିଗୁଡ଼ା,୨୬।୭(ଡି.ଏନ୍.ଏ.)-ବାଲିଗୁଡ଼ା ଓ ଏହାର ଆଖାପାଖ ଅଞ୍ଚଳରେ ଗୁରୁବାର ପ୍ରବଳ ବର୍ଷା ସହ ପବନ ହୋଇଥିଲା। ଏହାର ପ୍ରଭାବରେ ଟାଉନର ପଣସପଡ଼ି ସାହି ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ବିରାଟ ଗଛ ଉପୁଡି ପଡ଼ିଛି। ଫଳରେ ବିଦ୍ୟାଳୟର ପାଚେରୀ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ସ୍କୁଲ ଛୁଟି ହେବା ପରେ ଏହି ଗଛ ପଡ଼ିଥିବାରୁ ଛାତ୍ରୀଛାତ୍ରଙ୍କ କୌଣସି କ୍ଷୟକ୍ଷତି ହୋଇନାହିଁ। ଏ ନେଇ ପ୍ରାଧନ ଶିକ୍ଷୟିତ୍ରୀ ରେଣୁକା ବାଳା ସାହାଣୀ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ କହିଛନ୍ତି।

■ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ

# କାୟାକଳ୍ପ ଆୱାର୍ଡ ପାଇଁ କାମ କର

■ ଖୋଜାଗଲା ପ୍ରସୂତି ମୃତ୍ୟୁର କାରଣ, ଡେଙ୍ଗୁରେ ୧୬ ଆକ୍ରାନ୍ତ

■ ସଫେଇ, ସଚେତନତା ଉପରେ ଗୁରୁତ୍ୱ

ଛତ୍ରପୁର,୨୬।୭(ଡି.ଏନ.ଏ)

ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ ଶୁକ୍ରବାର ଛତ୍ରପୁରସ୍ଥିତ ଡିଆରଡିଏ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ଜନସାଧାରଣଙ୍କୁ ଉତ୍ତମ ସେବା ସହ ହସ୍ପିଟାଲ ଗୁଡିକର ସଫେଇ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଏଣିକି ଭଲ ରୋଗୀ ସେବା ପାଇଁ ଜିଲାସ୍ତରରେ ୩ ଡାକ୍ତରଙ୍କୁ ସମ୍ମାନିତ କରାଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ପ୍ରସୂତି ମୃତ୍ୟୁର କାରଣ ଜାଣିବାକୁ ମୃତାଙ୍କ ସମ୍ପର୍କୀୟ, ଆଶାକର୍ମୀ ଓ ଉକ୍ତ ଅଞ୍ଚଳର ମେଡିକାଲ ଅଫିସରଙ୍କଠାରୁ ଜିଲାପାଳ ତଥ୍ୟ ସଂଗ୍ରହ କରିଥିଲେ। ଶେରଗଡର ଜଣେ ମହିଳା ପ୍ରସବ କରିବା ପରେ ତାଙ୍କର ମୃତ୍ୟୁ ହୋଇଛି। ଏହାର ତଦାରଖ ପାଇଁ ବ୍ରହ୍ମପୁର ଉପଜିଲାପାଳଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଜିଲାରେ ଥିବା ହସ୍ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକ କିଭଳି କାୟାକଳ୍ପ ଆୱାର୍ଡ ପାଇବ ସେଉପରେ ଗୁରୁତ୍ୱ ଦିଆଯାଇଥିଲା। ୭୦ ପ୍ରତିଶତ ମାର୍କ ରଖିଲେ କାୟାକଳ୍ପ ଆୱାର୍ଡ ପାଇଁ ଯୋଗ୍ୟ ବିବେଚିତ ହୋଇଥାଏ। ଜିଲାରେ ଛତ୍ରପୁର ହସ୍ପିଟାଲକୁ ସର୍ବାଧିକ ୯୧ ପ୍ରତିଶତ ମାର୍କ ମିଳିଥିବାବେଳେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୮୩ ପ୍ରତିଶତ, ଭଞ୍ଜନଗର ହସ୍ପିଟାଲକୁ ୮୭ ପ୍ରତିଶତ, ଆସିକା ହସ୍ପିଟାଲକୁ ୮୨ ପ୍ରତିଶତ, ଭାଟକୁମରଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ୭୫ ପ୍ରତିଶତ, ପୁରୁଷୋତ୍ତମପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ୭୩ ପ୍ରତିଶତ, ପୋଲସରା, ଗୋବରା, ବେଲଗାଁ ଓ ହିଞ୍ଜିଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ୭୨ ପ୍ରତିଶତ, ବୁଗୁଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ୭୧ ପ୍ରତିଶତ ଏବଂ ଧରାକୋଟ ଓ ଚିକିଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ୭୦ ପ୍ରତିଶତ ମାର୍କ ମିଳିଛି। ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ର କିଭଳି କାୟାକଳ୍ପ ଆୱାର୍ଡ ପାଇବେ ସେ ନେଇ କାମ କରିବାକୁ ଜିଲପାଳ ନିର୍ଦ୍ଦେଶ ଦେଇଛନ୍ତି। ଅଗଷ୍ଟ ୮ ତାରିଖରେ ଜାତୀୟ କୃମି ନାଶକ ଦିବସ ପାଳନ ହେବ। ପରେ ଜିଲାରେ ଡେଙ୍ଗୁ ନିରାକରଣ କିଭଳି ହୋଇପାରିବ ସେଉପରେ ଆଲୋଚନା ହୋଇଥିଲା। ଗୁରୁବାର ସୁଦ୍ଧା ଗଂଜାମ ଜିଲାରେ ୧୬ ଜଣଙ୍କ ରକ୍ତରେ ଡେଙ୍ଗୁ ପଜିଟିଭ୍ ମିଳିଛି। ସେଥିମଧ୍ୟରେ ୧୨ ଜଣ ପୁରୁଷ ଓ ୪ ଜଣ ମହିଳା। ତେବେ ଏଥିରୁ ୧୨ ଜଣ ବାହାର ଜିଲା ତଥା ରାଜ୍ୟରୁ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଘରକୁ ଆସିଥିବାବେଳେ ଜିଲାର ବିଭିନ୍ନ ସ୍ଥାନରେ ୪ ଜଣ ଆକ୍ରାନ୍ତ ହୋଇଥିବା ସୂଚନା ଦିଆଯାଇଥିଲା। ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ବ୍ୟାପକ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଆଇଏଏସ୍ ପ୍ରୋବେଶନର କିର୍ତ୍ତୀ ଭାସନ ଭି, ଜିଲା ମୁଖ୍ୟଚିକିତ୍ସାଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ, ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ, ଡା. ପି କୁର୍ମେୟା, ଡା. ଜଗଦୀଶ ପଟ୍ଟନାୟକ, ଡା. ଭି ସରୋଜିନୀ ଦେବୀ, ଡା. ମନୋଜ କୁମାର ପଣ୍ଡା, ଡା. ଅବନିକାନ୍ତ ପାତ୍ରଙ୍କ ସମେତ ମେଡିକାଲ ଅଫିସର ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜିଲାପାଳଙ୍କୁ ଭେଟିଲେ ମୁମ୍ବାଇର ଛାତ୍ରୀଛାତ୍ର



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଛାତ୍ରୀଛାତ୍ର।

ଛତ୍ରପୁର,୨୬।୭(ଡି.ଏନ.ଏ.)

ମୁମ୍ବାଇରେ ସିଭିଲ୍ ସର୍ଭିସ୍ କୋଚିଂ ନେଉଥିବା ସେଠାକାର କେତେଜଣ ଛାତ୍ରୀଛାତ୍ର ଶୁକ୍ରବାର ସ୍ଥାନୀୟ ଡିଆରଡିଏ କାର୍ଯ୍ୟାଳୟରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟିଛନ୍ତି। ନିଜ ଅଞ୍ଚଳରୁ ଛାତ୍ରୀଛାତ୍ରଙ୍କୁ ଦେଖି ଜିଲାପାଳ ଖୁସି ପ୍ରକାଶ କରିଥିଲେ। ଛାତ୍ରୀଛାତ୍ରମାନେ ମଧ୍ୟ ଅନୁରୂପ ଖୁସି ହେଉଥିବା ଦେଖିବାକୁ ମିଳିଥିଲା। ପୂର୍ବରୁ ଜିଲାପାଳ କୁଲାଙ୍ଗେ ଯେତେବେଳେ ମହାରାଷ୍ଟ୍ର ରାଜ୍ୟର ଶିକ୍ଷା ବିଭାଗରେ କାର୍ଯ୍ୟ କରୁଥିଲେ ଏହି ଛାତ୍ରୀଛାତ୍ରମାନେ ତାଙ୍କ ପାଖରେ ପାଠ ପଢୁଥିଲେ ବୋଲି ସୂଚନା ଦେଇଥିଲେ। ଜିଲାପାଳଙ୍କୁ ଭେଟିବା ପରେ ଛାତ୍ରୀଛାତ୍ରମାନେ ଗୋପାଳପୁରରେ ଥିବା ଶ୍ରଦ୍ଧା ସଞ୍ଜୀବନିକୁ ଯାଇଥିଲେ।

## ଗୋବିନ୍ଦପୁର ବିଦ୍ୟୁତ୍ ସବ୍‌ଷ୍ଟେଶନ ଉଦ୍‌ଘାଟିତ

■ ଦୂରହେବ ଲୋଭୋଲଟେଜ, ପାୱାର କଟ୍ ସମସ୍ୟା

ଭଞ୍ଜନଗର,୨୬।୭(ଡି.ଏନ.ଏ.)



ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

ଭଞ୍ଜନଗର ସାଉଥ୍‌କୋ ଅଧୀକ୍ଷଣଯନ୍ତ୍ରୀଙ୍କ ଅଧିନରେ ଥିବା ଗୋବିନ୍ଦପୁର ୩୩/୧୧ କେଭି ସବ୍‌ଷ୍ଟେଶନ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ସବ୍‌ଷ୍ଟେସନ ଉଦ୍‌ଘାଟନ ପରେ ସମ୍ପୃକ୍ତ ଅଞ୍ଚଳର ୬୦ ଗ୍ରାମବାସୀ ଲୋଭୋଲଟେଜ ସମସ୍ୟାରୁ ମୁକ୍ତି ପାଇବେ। ଏଥିସହ ପାୱାର କଟ୍ ସମସ୍ୟା ମଧ୍ୟ କମିବ। ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଜି.ଏମ୍ ସରକାରୀ ପ୍ରକଳ୍ପ ପି.କେ. ଚୌଧରୀ, ସାଉଥ୍‌କୋ ଭଞ୍ଜନଗର ଅଧୀକ୍ଷଣଯନ୍ତ୍ରୀ ନୃସିଂହ ନାରାୟଣ ପଣ୍ଡା, ବ୍ଲକ ବିଜେଡ଼ି ସଭାପତି ପ୍ରଶାନ୍ତ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସବ୍‌ଷ୍ଟେଶନକୁ ଉଦ୍‌ଘାଟନ କରିଥିଲେ। ନିର୍ବାହୀଯନ୍ତ୍ରୀ ବି.କେ. ମହାପାତ୍ର ବୈଠକରେ ଅଧ୍ୟକ୍ଷତା କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସହକାରୀ ନିର୍ବାହୀଯନ୍ତ୍ରୀ ହୃଦୟ ବଲ୍ଲଭ ପ୍ରଧାନ, ଯନ୍ତ୍ରୀ ରତ୍ନାକର ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସୂଚନାଯୋଗ୍ୟ ଯେ, ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଉପଯୁକ୍ତ ବିଦ୍ୟୁତ୍ ସେବା ଯୋଗାଇ ଦେବା ଲକ୍ଷ୍ୟ ନେଇ ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭଞ୍ଜନଗର ଗସ୍ତରେ ଆସି ଭଞ୍ଜନଗର ଆର୍‌ଟିଓ ଅଫିସ ପରିସରରେ ୧୦ ସବ୍‌ଷ୍ଟେଶନର ଶିଳାନ୍ୟାସ କରିଥିଲେ। ସେଥିମଧ୍ୟରୁ ବିଡ଼ିପୁର ସବ୍‌ଷ୍ଟେଶନ ପୂର୍ବରୁ ଉଦ୍‌ଘାଟିତ ହୋଇଥିବାବେଳେ ଆଜି ଗୋବିନ୍ଦପୁର ସବ୍ ଷ୍ଟେଶନ ଉଦ୍‌ଘାଟିତ ହୋଇଛି।

## ବଳାତ୍କାରୀଙ୍କୁ ୭ବର୍ଷ ଜେଲ

ବାଲିଗୁଡ଼ା,୨୬।୭(ଡି.ଏନ୍.ଏ.)

ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ୨୦୧୮ରେ ଘଟିଥିବା ଏକ ବଳାତ୍କାର ମାମଲାର ଶୁଣାଣି କରି ଶୁକ୍ରବାର ସ୍ଥାନୀୟ ସହକାରୀ ଦୌରା ଜଜ୍ ଡ.ସଙ୍ଗମିତ୍ରା ଦାସ ଅଭିଯୁକ୍ତଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଦେବା ପାଇଁ ରାୟରେ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଅନୁପ ପ୍ରଧାନ।

ବାଲିଗୁଡ଼ା ଉପଖଣ୍ଡ ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ୨୮ ନଭେମ୍ବର ୨୦୧୮ରେ ଜଣେ ମହିଳା ଝୁଡୁଙ୍ଗ ତୋଳିବା ପାଇଁ ଯାଇଥିଲେ। ଏହି ସମୟରେ ଏକୁଟିଆର ସୁଯୋଗ ନେଇ ଅନୁପ ତାଙ୍କୁ ବଳାତ୍କାର କରିଥିଲେ। ମହିଳାଙ୍କ ଏତଲା କ୍ରମେ ଦାରିଙ୍ଗବାଡ଼ି ପୋଲିସ ନଂ.୧୧୬/୧୮ରେ ମାମାଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଏହି ମାମଲର ଶୁକ୍ରବାର ସହାକରୀ ଦୌରା ଜଜ୍‌ଙ୍କ ପକ୍ଷରୁ ରାୟ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ସୁଧାଂଶୁ ମୋହନ ପତି ଉକ୍ତ କେସ୍‌କୁ ପରିଚାଳନା କରୁଥିଲେ।

■ ମେଡିକାଲ ଭିତରୁ ଚୋରି

## ସିସିଟିଭି ଫୁଟେଜରୁ ଧରାପଡ଼ିଲା ଅଭିଯୁକ୍ତ

ଭଞ୍ଜନଗର,୨୬।୭(ଡି.ଏନ.ଏ.)

ଭଞ୍ଜନଗର ଉପଖଣ୍ଡ ମେଡ଼ିକାଲରେ ସୁରକ୍ଷା ବ୍ୟବସ୍ଥା ଢ଼ିଲା ସହ ପରିମଳ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରୋଗୀଙ୍କୁ ଉପଯୁକ୍ତି ଚିକିତ୍ସା ସୁବିଧା ବିଭିନ୍ନ କାରଣରୁ ମିଳିପାରୁନାହିଁ। ଏହିଭଳି ପରିସ୍ଥିତିରେ ଗୁରୁବାର ରାତିରେ କବିସୂର୍ଯ୍ୟନଗରର କୁନା ସାବତ ପ୍ରସୂତି ୱାର୍ଡ଼ ବାରଣ୍ଡାରେ ଶୋଇଥିବାବେଳେ ତାଙ୍କ ପକେଟରୁ ୫ ହଜାର ଟଙ୍କା ସମେତ ଅନ୍ୟାନ୍ୟ ଜିନିଷ ଚୋରି ହୋଇଯାଇଥିଲା। ଶୁକ୍ରବାର ସକାଳୁ କୁନା ମେଡ଼ିକାଲ ଅଧୀକ୍ଷକଙ୍କ ନିକଟରେ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ମେଡ଼ିସିନ ୱାର୍ଡ଼ରେ ଅଭିଯୁକ୍ତ ଜଣଙ୍କ ଶୋଇଥିବାବେଳେ ଚିହ୍ନଟ କରାଯାଇଥିଲା। ଏହାପରେ ପୋଲିସ ତାଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ତଦନ୍ତ ଚାଲଥିବା ଯୋଗୁ ପୋଲିସ ଏନେଇ ଅଧିକ କିଛି କହିବାକୁ ମନା କରିଛି। ପ୍ରକାଶ ଯେ, କୁନାଙ୍କ ସ୍ତ୍ରୀ ମେଡ଼ିକାଲର ପ୍ରସୂତି ୱାର୍ଡ଼ରେ ଭର୍ତ୍ତି ହୋଇଥିବାବେଳେ ୱାର୍ଡ଼ ସମ୍ମୁଖ ବାରଣ୍ଡାରେ କୁନା ଶୋଇଥିଲେ। ଏହି ସମୟରେ ଦୁର୍ବୃତ୍ତ ପର୍ସ ଚୋରି କରିନେଇଥିଲା। ସେଠାରେ ଗୁରୁବାର ହିଁ ସିସିଟିଭି କ୍ୟାମେରା ଲଗାଯାଇଥିଲା।

## ଧମକ, ଗାଳିଗୁଲଜ ନେଇ ଥାନାରେ ମାମଲା

ଗୋପାଳପୁର,୨୬।୭

ଏକ ମାମଲାର ସାକ୍ଷୀମାନଙ୍କୁ କୋର୍ଟକୁ ନେବାଆଣିବା କରୁଥିବା ଗୋଳାବନ୍ଧ ଗ୍ରାମର ଏସ. ଧନରାଜଙ୍କୁ ମାମଲାର ଅଭିଯୁକ୍ତ ଓ ତାଙ୍କ ପୁତୁରା ଧମକ ଦେବା ଓ ଗାଳିଗୁଲଜ କରିବା ଅଭିଯୋଗରେ ଗୋପାଳପୁର ପୋଲିସ ଏକ ମାମଲା ରୁଜୁ କରିଛି। ୧୩ଫେବୃୟାରୀ ୨୦୧୩ରେ ଏହି ଥାନା ଅନ୍ତର୍ଗତ ନୂଆ ଗୋଳାବନ୍ଧ ଅଞ୍ଚଳରେ ମଦମୃତ୍ୟୁ ଘଟଣା ଘଟିଥିଲା। ଏଥିରେ ଭେଙ୍କଟରାୟପୁର ଗ୍ରାମର ଭି. ମୁତ୍ୟାଲୁଙ୍କ ମୃତ୍ୟୁ ଘଟିଥିଲା ଏବଂ ଅନ୍ୟ କେତେଜଣ ଗୁରୁତର ଅସୁସ୍ଥ ହୋଇଥିଲେ। ଏହି ମାମଲାରେ ପୋଲିସ ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ବର୍ତ୍ତମାନ ସେମାନେ ଜାମିନରେ ମୁକୁଳିଛନ୍ତି। ଏହି ମାମଲା ବ୍ରହ୍ମପୁର ଅତିରିକ୍ତ ଜିଲା ଜଜ୍-୩ଙ୍କ କୋର୍ଟରେ ବିଚାରାଧୀନ ରହିଛି। ସମୟରେ ୫ ଜଣ ସାକ୍ଷୀ ସମନ ଜାରି କରିଥିଲେ ମଧ କୋର୍ଟରେ ହାଜର ହୋଇ ନ ଥିଲେ। କୋର୍ଟ ଏମାନଙ୍କ ବିରୋଧରେ ୱାରେଣ୍ଟ ଜାରି କରିଥିଲେ। ଗତ ୧୭ ଓ ୧୮ ତାରିଖରେ ୫ ଜଣ ସାକ୍ଷୀଙ୍କୁ ଏସ. ଧନରାଜ କୋର୍ଟ ନେବା ଆଣିବା କରିବା ସହ ସେମାନଙ୍କୁ ସହଯୋଗ କରିଥିଲେ। ଗତ ୨୩ ତାରିଖରେ ଅଭିଯୁକ୍ତ ଏସ. ଭିମରାଜୁ ଓ ପୁତୁରା ଧନରାଜଙ୍କୁ ସାକ୍ଷୀମାନଙ୍କୁ କାହିଁକି କୋର୍ଟକୁ ଆଣୁଛ ବୋଲି କହି ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏନେଇ ଗୋପାଳପୁର ଥାନାରେ ଧନରାଜ ଲିଖିତ ଅଭିଯୋଗ କରିଥିଲେ। ଗୁରୁବାର ନଂ.୭୭/୧୯ରେ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ଏନେଇ ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କୁ ପଚାରିବାରୁ ତଦନ୍ତ ଚାଲିଛି। ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି।

## ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର ଅଭିଯୋଗ, ଯୁବକ ଅଟକ

ବୁଗୁଡ଼ା,୨୬।୭(ଡି.ଏନ.ଏ.)

ଧରାକୋଟ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ନେଇ ଗୁରୁବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ ହୋଇଛି। ଯୁବତୀଙ୍କ ଅଭିଯୋଗ କ୍ରମେ ବୁଗୁଡ଼ା ପୋଲିସ ନଂ. ୧୪୭/୧୯ରେ ଏକ ବଳାତ୍କାର ମାମଲା ରୁଜୁ କରିବା ସହ ଯୁବକଙ୍କୁ ଥାନାରେ ଅଟକ ରଖିଛି। ପ୍ରକାଶ ଯେ, ସମ୍ପୃକ୍ତ ଯୁବକ ୨୦୧୫ ମାର୍ଚ୍ଚରେ ଏକ ବିବାହ ଉତ୍ସବରେ ଉକ୍ତ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଭେଟିଥିଲେ। ପରେ ସେ ବିବାହର ପ୍ରଲୋଭନ ଦେଖାଇ ଯୁବତୀଙ୍କ ସହ ଦୀର୍ଘ ଦିନ ଧରି ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ୨ ସପ୍ତାହ ତଳେ ଯୁବତୀଙ୍କ କିଛି ଅଶ୍ଳୀଳ ଫଟୋକୁ ମଧ ଯୁବକ ଜଣଙ୍କ ବିଭିନ୍ନ ୱାର୍ଟସଆପ୍ ଓ ମୋବାଇଲରେ ଛାଡ଼ିଥିଲେ। ପରେ ଯୁବତୀଙ୍କୁ ବାହା ହେବା ପାଇଁ ମନା କରିଦେବାରୁ ଯୁବତୀ ଜଣଙ୍କ ଥାନାର ଅଭିଯୋଗ କରିଥିଲେ।

■ ଜିଲା ପରିଷଦ ସଭ୍ୟ, ୨ ସମିତିସଭ୍ୟ ଉପନିର୍ବାଚନ

## ୨୯ରୁ ଭୋଟର ତାଲିକା ପ୍ରସ୍ତୁତ ହେବ

ଛତ୍ରପୁର,୨୬।୭(ଡି.ଏନ.ଏ)

ଗଞ୍ଜାମ ଜିଲାରେ ଖାଲି ପଡିଥିବା ଗୋଟିଏ ଜିଲାପରିଷଦ ସଭ୍ୟ ଓ ୨ଟି ସମିତିସଭ୍ୟ ଓ ଗୋଟିଏ ୱାର୍ଡମେମ୍ବର ପଦବୀ ପାଇଁ ଉପନିର୍ବାଚନ ହେବ। ଏଥିପାଇଁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ଅଧୀନ ପଞ୍ଚାୟତ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଛତ୍ରପୁର ବ୍ଲକ ଅଧିନ ୧୯ ନଂ. ଜୋନ୍ ଜିଲାପରିଷଦ ସଭ୍ୟ ଏବଂ ଖଲ୍ଲିକୋଟ ବ୍ଲକ କେଶପୁର ପଞ୍ଚାୟତର ସମିତିସଭ୍ୟ ଓ ପୋଲସରା ବ୍ଲକ ବର୍ତିନୀ ପଞ୍ଚାୟତର ସମିତିସଭ୍ୟ, ହିଞ୍ଜିଳି ବ୍ଲକ ଭାବନ୍ଧ ପଞ୍ଚାୟତ ୭ ନଂ. ୱାଡମେମ୍ବର ପଦବୀ ପାଇଁ ଉପନିର୍ବାଚନ ହେବ। ଏଥିପାଇଁ ଆବଶ୍ୟକ ହେଉଥିବା ନୂତନ ଭୋଟର ତାଲିକା ପ୍ରସ୍ତୁତ ହେବ। ଏ ନେଇ ସମ୍ପୃକ୍ତ ଅଞ୍ଚଳର ବିଡିଓମାନଙ୍କୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଅଧିନ ପଞ୍ଚାୟତ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ପଠାଯାଇଛି। ୨୯ ତାରିଖରୁ ଏହି ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡିଛି। ଭୋଟର ତାଲିକା ପ୍ରସ୍ତୁତି ପରେ ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ସୂଚନା ମିଳିଛି।

## ପଞ୍ଚାୟତ ସମିତି ବୈଠକ: ରାଶନକାର୍ଡକୁ ନେଇ ହଟ୍ଟଗୋଳ

ଚିକିଟି,୨୬।୭(ଡି.ଏନ.ଏ.)

ଚିକିଟି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ମଧ୍ୟାହ୍ନରେ ପଞ୍ଚାୟତ ସମିତି ବୈଠକ ବ୍ଲକ ଅଧ୍ୟକ୍ଷା ଏମ୍.ପଦ୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୯ ମାସ ପରେ ଏହି ବୈଠକ ହୋଇଥିଲା। ବିଡିଓ ଫାଲ୍ଗୁନି ମାଝି, ଏବିଡିଓ ରମାକାନ୍ତ ସାହୁ, ଏଇ ସୁଶାନ୍ତ କୁମାର ପଣ୍ଡା, ସିଡିପିଓ ମାଧୁରୀ ପାଢ଼ୀ, ଯୋଗାଣ ଅଧିକାରୀ ଏ. ଭାର୍ଗବୀ, କୃଷି ଅଧିକାରୀ ଗୋକୁଳ ବେହେରା ଯୋଗ ଦେଇଥିଲେ। ରାଶନକାର୍ଡକୁ ନେଇ ରାମଚନ୍ଦ୍ରପୁର ସରପଞ୍ଚ ଆପନା ସେଠୀ ପ୍ରଶ୍ନ ଉଠାଇଥିବାରୁ ବୈଠକରେ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ହିତାଧିକାରୀଙ୍କୁ ଯେଉଁ ରାଶନକାର୍ଡ ବଣ୍ଟାଯାଇଛି ତାହା ସରପଞ୍ଚଙ୍କୁ ଜଣାଯାଉ ନାହିଁ ବୋଲି ଅଭିଯୋଗ ହୋଇଛି। ଏଥିରେ ଉପସ୍ଥିତ ଜନପ୍ରତିନିଧିମାନେ ସମର୍ଥନ ଜଣାଇଥିଲେ। ଏଥିସହ ବର୍ଷା ଜଳ ସଂରକ୍ଷଣ, ଡେଙ୍ଗୁ ସଚେତନତା ଓ ନିରାକରଣ, କାଳିଆ ଯୋଜନା, ସରକାରୀ ଗୃହ, ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ଆଲୋଚନା ହୋଇଥିଲା। ଉଠା ଜଳସେଚନ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇବା ସହ ଜିଲାପାଳଙ୍କୁ ଜଣାଯିବ ବୋଲି ବିଡିଓ କହିଥିଲେ।

## ରାଇକିଆ କଲେଜରେ କାର୍‌ଗିଲ ବିଜୟ ଦିବସ

ରାଇକିଆ,୨୬।୭(ଡ଼ି.ଏନ.ଏ)

ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟରେ ଶୁକ୍ରବାର କାର୍‌ଗିଲ ବିଜୟ ଦିବସ ପାଳିତ ହୋଇ ଯାଇଛି। କଲେଜ ଅଧ୍ୟକ୍ଷ ପ୍ରଦୀପ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶହୀଦଙ୍କ ଉଦ୍ଦେଶ୍ୟରେ ୨ମିନିଟ ନୀରବ ପ୍ରାର୍ଥନା କରାଯିବା ସହ କାରଗିଲ ଯୁଦ୍ଧରେ ସୈନିକଙ୍କ ବୀରତ୍ୱ, ତ୍ୟାଗକୁ ସ୍ମରଣ କରଯାଇଥିଲା। ବରିଷ୍ଠ ଅଧ୍ୟାପକ ଶଙ୍କର୍ଷଣ ସାହୁ, ଦିବାକର ଦାସ ଏବଂ କଲେଜ ଅଧ୍ୟକ୍ଷ ଭାରତ-ପାକିସ୍ତାନ ବିବାଦ ଏବଂ କାରଗିଲ ଯୁଦ୍ଧର ପରିସ୍ଥିତି ସମ୍ପର୍କରେ ଅଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କେଲଜର ସମସ୍ତ ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଶୁଭଲକ୍ଷ୍ମୀଙ୍କୁ ସମ୍ବର୍ଦ୍ଧିତ କଲେ ଗ୍ରାମବାସୀ

ବେଗୁନିଆପଡ଼ା,୨୬।୭(ଡି.ଏନ.ଏ.)



ଶୁଭଲକ୍ଷ୍ମୀ ପ୍ରିୟଦର୍ଶନୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବେଗୁନିଆପଡ଼ା ବ୍ଲକ ଷଣ୍ଢମୂଳ ପଞ୍ଚାୟତର ଶାଳବଣ ଗ୍ରାମର ଶୁଭଲକ୍ଷ୍ମୀ ପ୍ରିୟଦର୍ଶନୀ ଓଡିଶା ଜୁଡିସିଆଲ ସର୍ଭିସ (ଓଜେଏସ୍) ପରୀକ୍ଷାରେ ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ସେ ଶୁକ୍ରବାର ନିଜ ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀ ଓ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଦ୍ୟାଳୟରେ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରିବା ସହ ଗ୍ରାମ ପରିକ୍ରମା କରିଥିଲେ। ରାଧାକୃଷ୍ଣ ମନ୍ଦିର ପରିସରରେ ଗ୍ରାମ ସଭାପତି ଜୟରାମ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଆଇନଜୀବୀ ଚକ୍ରପାଣି ସ୍ୱାଇଁ, ପୂର୍ବତନ ସମିତିସଭ୍ୟ ବୁଲା ଜେନା, ପୂର୍ବତନ ସରପଞ୍ଚ ଦେବରାଜ ସ୍ୱାଇଁ, ବିଜୟ କୁମାର ନାୟକ ସାମାଜିକକର୍ମୀ ନାରାୟଣ ସୁମନ୍ତରାୟ, ମହେନ୍ଦ୍ର କୁମାର ଗଉଡ, ଭବାନୀ ପ୍ରସାଦ ପଟ୍ଟନାୟକ ଯୋଗଦେଇଥିଲେ।

## ଏନ୍‌ସିସି ଛାତ୍ରୀଛାତ୍ର ବୃକ୍ଷର ସୁରକ୍ଷା କରିବେ

ଭଞ୍ଜନଗର,୨୬।୭(ଡି.ଏନ.ଏ.)




ଚାରାରୋପଣ ଚାଲିଛି।

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଶୁକ୍ରବାର କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଏନ୍‌ସିସି ଆର୍ମି ଓ ନାଭାଲର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ କଲେଜରେ ଚାରାରୋପଣ ଉତ୍ସବ ହୋଇଥିଲା। ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଳେଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଯୋଗୁ ପୃଥିବୀକୁ ମାଡ଼ି ଆସୁଥିବା ବିପଦ ସମ୍ପର୍କରେ କହିଥିଲେ। ଜଙ୍ଗଲ ସୁରକ୍ଷିତ ନରହିଲେ ମାନବ ସମାଜ ତିଷ୍ଟିବା କଷ୍ଟକର। ତେଣୁ ଏନ୍‌ସିସି ଛାତ୍ରୀଛାତ୍ରମାନେ ଦେଶର ସୁରକ୍ଷା ସହ ବୃକ୍ଷର ସୁରକ୍ଷା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ବୃକ୍ଷର ସୁରକ୍ଷା ନେବାପାଇଁ ନିଷ୍ପତ୍ତି ନେଇଥିଲେ। କଲେଜ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଏନ୍‌ସିସି ନାଭାଲ ଅଫିସର ଡ଼. ରବୀନ୍ଦ୍ର କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଶାସନିକ ଅଧିକାରୀ ଡ଼.ସୁବାସ ଚନ୍ଦ୍ର ପ୍ରଧାନ, ଡ଼. ବିନୋଦ ଚନ୍ଦ୍ର ଦାସ, ସୁକାନ୍ତ କୁମାର ମିଶ୍ର, ଡ଼. ଆର.ଏନ.ପାଲ, ବଦ୍ରି ନାରାୟଣ ପାତ୍ର, ଆର.କେ.ଦାସ, ଅଧାପିକା ସୁନିତାରାଣୀ ଖଣ୍ଡୁଆଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏନସିସି ଅଫିସର ରଜନିକାନ୍ତ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ। ସେହିଭଳି ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ ଏନ୍‌ସିସି ସମେତ ବିଭିନ୍ନ ସ୍ଥାନରେ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି।

## ସଂକ୍ଷେପରେ

### ଛାତ୍ରୀନିବାସ ଭୁଶୁଡିବା ଘଟଣାକୁ ଡିଏସ୍ଓର ନିନ୍ଦା

ବ୍ରହ୍ମପୁର ଅଫିସ,୨୬।୭: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଛାତ୍ରୀନିବାସ ଭୁଶୁଡିବା ଘଟଣାକୁ ଶୁକ୍ରବାର ଡିଏସଓ(ଡେମୋକ୍ରେଟିଭ ଷ୍ଟୁଡେଣ୍ଟସ ଅର୍ଗାନାଇଜେଶନ) ପକ୍ଷରୁ ନିନ୍ଦା କରାଯାଇଛି। ଏହା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ, ପ୍ରଶାସକ, ସରକାରଙ୍କ ଅବହେଳାର ପରିଣତି ବୋଲି ଡିଏସଓ କହିଛି। ୩ ବର୍ଷ ହେଲା ଛାତରୁ ପଲସ୍ତରା ଖସିବା ଓ ପାଣି ଗଳୁଥିବା ଅଭିଯୋଗ ହୋଇ ଆସୁଥିଲେ ମଧ ଛାତ୍ରୀଙ୍କୁ ଅସୁରକ୍ଷିତ ହଷ୍ଟେଲରେ ରଖିବା ଦାୟିତ୍ୱ ହୀନତାର ପରିଚୟ ବୋଲି ସଂଗଠନର ଜିଲା ସଭାପତି ଶିବାନୀ ଶଙ୍କର ମିଶ୍ର କହିଛନ୍ତି। ତୁରନ୍ତ ବିଶ୍ୱବିଦ୍ୟାଳୟର ଶୌଖିକ ବାତାବରଣ ଫେରାଇ ଆଣିବା, ହଷ୍ଟେଲରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେବାକୁ ସେ ଦାବି କରିଛନ୍ତି।

### ଆଧ୍ୟାତ୍ମିକ ସାରସ୍ୱତ ଆଲୋଚନାଚକ୍ର

ବ୍ରହ୍ମପୁର ଅଫିସ, ୨୬।୭
ସ୍ଥାନୀୟ କୃପାସିନ୍ଧୁପୁର ଶାସନଠାରେ ଲେଖକ ସାମ୍ମୁଖ୍ୟ ଓ ଲେଖିକା ସାମ୍ମୁଖ୍ୟର ମିଳିତ ଆନୁକୂଲ୍ୟରେ ଆଧ୍ୟାତ୍ମିକ ସାରସ୍ୱତ ଆଲୋଚନା ଓ କବିତା ପାଠୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଫେସର ଡ.ରବିନାରାୟଣ ମିଶ୍ର ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜ୍ୟୋତିଷଶାସ୍ତ୍ର ବିଶାରଦ ତଥା କବି ଶିଶିର କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଲେଖିକା ସାମ୍ମୁଖ୍ୟ ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ର, ସାଧାରଣ ସମ୍ପାଦକ ହାଡିବନ୍ଧୁ ମାଳି, ସାଧାରଣ ସମ୍ପାଦିକା ଡ.ସୂଚନା ପାଢୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। କବି ଓ ଲେଖକଙ୍କ ସାରସ୍ୱତ ଚିନ୍ତନ ଦ୍ୱାରା ରଚିତ ସାହିତ୍ୟ ହିଁ ପ୍ରକୃତରେ ମାନବ ସମାଜକୁ ଦିଗ ଦର୍ଶନ ଦେଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କବିତା ପାଠୋତ୍ସବକୁ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲ ସଂଯୋଜନା କରିଥିଲେ।

### ଡେଙ୍ଗୁ, ମ୍ୟାଲେରିଆ ସଚେତନତା ଶିବିର

କୋଦଳା,୨୬।୭(ଡି.ଏନ.ଏ.): କୋଦଳା ଗୌରାଦେଇପୁର ପ୍ରାଥମିକ ସ୍କୁଲରେ ଡେଙ୍ଗୁ, ଡାଇରିଆ ଓ ମ୍ୟାଲେରିଆର ପ୍ରତିରୋଧ ଓ ନିୟନ୍ତ୍ରଣ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ଦମୟନ୍ତୀ ତରାଇଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ପିଏଚ୍ଇଓ କବି ଦାଶ, ଏସ୍ପିଏଚ୍ଏସ୍ ବନମାଳୀ ସେଠୀ ଉପସ୍ଥିତ ରହି ବିଭିନ୍ନ ସ୍ଥାନରୁ ଆସିଥିବା ଏସ୍ଏଚ୍ଜି ଗ୍ରୁପ ଓ ଗ୍ରାମବାସୀଙ୍କୁ ଡେଙ୍ଗୁ, ହଇଜା ଓ ମ୍ୟାଲେରିଆର କାରଣ ଓ ନିରାକରଣ ସମ୍ପର୍କରେ ଅବଗତ କରିଥିଲେ। ଅନ୍ୟମାନଙ୍କୁ ସଚେତନ କରିବା ପାଇଁ ତାଲିମ ପ୍ରଦାନ କରାଯାଇଥିଲା।

■ ଛାତ୍ରୀନିବାସ କୋଠା ଭୁଶୁଡ଼ିବା ପରେ ଚେତା ପଶିଲା

# ସମସ୍ତ ହଷ୍ଟେଲ କୋଠା ସ୍ଥିତି ଯାଞ୍ଚ ନିଷ୍ପତ୍ତି

ବ୍ରହ୍ମପୁର ଅଫିସ,୨୬।୭

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିସରସ୍ଥ ସାବେରୀ ଛାତ୍ରୀନିବାସ କୋଠାର ଶୌଚାଳୟ ଥିବା ଅଂଶ ଗୁରୁବାର ଭୁଶୁଡ଼ିବା ପରେ କର୍ତ୍ତୃପକ୍ଷଙ୍କ ଚେତା ପଶିଛି । ଏପରି ଘଟଣାର ପୁନରାବୃତ୍ତି ଯେପରି ନ ହୁଏ ସେଥିପ୍ରତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସଜାଗ ହୋଇଛନ୍ତି । ତୁରନ୍ତ ସମସ୍ତ ଛାତ୍ରାବାସ କୋଠା ସ୍ଥିତି ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି କୁଳସଚିବ ରଞ୍ଜନ ବିଶ୍ୱାଳ । ଯାଞ୍ଚ ପାଇଁ ଗଠିତ ସ୍ୱତନ୍ତ୍ର ଟେକ୍ନିକାଲ କମିଟି ଆସନ୍ତା ୧୦ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ହଷ୍ଟେଲଗୁଡିକ ସମ୍ପୂର୍ଣ୍ଣ ସୁରକ୍ଷିତ ବୋଲି ନ ଜାଣିବା ଯାଏ କୌଣସି ନୂତନ ଛାତ୍ରଙ୍କୁ ହଷ୍ଟେଲରେ ରହିବାକୁ ଅନୁମତି ଦିଆଯିବନି ବୋଲି ନିଷ୍ପତ୍ତି ନିଆଯାଇଛି ।


ଭୁଶୁଡିଥିବା ସାବେରୀ ଛାତ୍ରୀନିବାସ କୋଠା ।

■ ଯାଞ୍ଚ ପାଇଁ ଗଠନ ହେଲା ସ୍ୱତନ୍ତ୍ର ଟେକ୍ନିକାଲ କମିଟି
■ ୧୦ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ସାବେରୀ ଛାତ୍ରୀନିବାସ ଶୌଚାଳୟ କୋଠା ଭୁଶୁଡିବା ପରେ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗିଛି । ଶୁକ୍ରବାର ବିଶ୍ୱବିଦ୍ୟାଳୟର ସମସ୍ତ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନେଇ ଏକ ଜରୁରୀ ବୈଠକ ବସିଥିଲା । ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ତଥା ସ୍ନାତକୋତ୍ତର ପରିଷଦ ଅଧକ୍ଷା ପ୍ରଫେସର ଅରୁନ୍ଧତୀ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୁଳସଚିବ ରଞ୍ଜନ ବିଶ୍ୱାଳ, ହଷ୍ଟେଲ ୱାର୍ଡେନ ପ୍ରଫେସର ଭାଗୀରଥି ପାଣିଗ୍ରାହୀ ଉପସ୍ଥିତ ଥିଲେ । କୋଠା ଭୁଶୁଡ଼ିବା ପରେ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନେଇ ସମସ୍ତ ହଷ୍ଟେଲର ସ୍ଥିତି ଯାଞ୍ଚ କରିବାକୁ କୁଳସଚିବ ନିର୍ଦ୍ଦେଶ ଦେଇଥିଲେ । ଏଥିପାଇଁ ସ୍ୱତନ୍ତ୍ର ଟେକ୍ନିକାଲ କମିଟି ଗଠନ କରାଯାଇ ଯାଞ୍ଚ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ଯାଞ୍ଚ ଓ ହଷ୍ଟେଲଗୁଡିକର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟନ୍ତ କୌଣସି ନୂତନ ବର୍ଷର ଛାତ୍ରୀଛାତ୍ରଙ୍କୁ ହଷ୍ଟେଲ ପ୍ରଦାନ କରା ନ ଯିବାକୁ ନିଷ୍ପତ୍ତି ହୋଇଛି। ଟେକ୍ନିକାଲ କମିଟି ୧୦ ଦିନରେ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ପରେ ଅସୁରକ୍ଷିତ ଅବସ୍ଥାରେ ଥିବା କୋଠାଗୁଡିକର ମରାମତି କାର୍ଯ୍ୟ ଆରମ୍ଭ କରାଯିବ ବୋଲି କୁଳସଚିବ ସୂଚନା ଦେଇଛନ୍ତି।

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହକଲା ଏବିଭିପି


ଉଚ୍ଚଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଉଛି ।

ବ୍ରହ୍ମପୁର ଅଫିସ, ୨୬।୭

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାତ୍ରୀ ନିବାସ ଭୁଶୁଡ଼ିବା ଘଟଣାର ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପରେ ବି ତଦନ୍ତ ନେଇ କୌଣସି କମିଟି ଗଠନ କରାଯାଇ ନଥିବା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଅଭିଯୋଗ କରିଛି । ଏହା ପ୍ରତିବାଦରେ ଶୁକ୍ରବାର ଅପରାହ୍ଣରେ ଏବିଭିପି ଭଞ୍ଜବିହାର ଶାଖା ପକ୍ଷରୁ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି । ହଷ୍ଟେଲଗୁଡିକର ସୁରକ୍ଷା ତଥା ରକ୍ଷଣାବେକ୍ଷଣ ପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଦ୍ୟାର୍ଥୀଙ୍କଠାରୁ ପ୍ରତିବର୍ଷ ୨୫୦୦ ରୁ ୩୦୦୦ ଟଙ୍କା ମଧ୍ୟରେ ଫି’ ନିଆଯାଉଛି । କିନ୍ତୁ ସେହି ତୁଳନାରେ ହଷ୍ଟେଲଗୁଡିକର ମରାମତି କରାଯାଉନାହିଁ । ଏଥିପାଇଁ ଦୁର୍ଘଟଣା ଘଟିଥିବା ପରିଷଦ ଅଭିଯୋଗ କରିଛି । ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଏଯାଏଁ ଉଚ୍ଚ ଶିକ୍ଷା ବିଭାଗ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନ ଥିବାରୁ ଏବିଭିପିର କର୍ମକର୍ତ୍ତାମାନେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏଥିରେ ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର, ବିଶ୍ୱବିଦ୍ୟାଳୟ ପ୍ରମୁଖ ମାତାପ୍ରସାଦ ନାୟକ, ଜିଲା ସଂଯୋଜକ ସିଦ୍ଧାନ୍ତ ସୁମନ ଦାସ, ବିଶ୍ୱବିଦ୍ୟାଳୟ ଛାତ୍ର ନେତା ତୁତୁନ ପାତ୍ର,କୃଷ୍ଣଚନ୍ଦ୍ର ପୋଲାଇ, ହର୍ଷିତ ରାଉଳ, ଅନନ୍ତ ପ୍ରଧାନ ,ନାରାୟଣ ସାହୁ, ଅରୁଣ ପ୍ରଧାନ ସାମିଲ ଥିଲେ ।

## ବ୍ୟାଗ୍ ଚୋରି ଅଭିଯୋଗ, ଜଣେ ଗିରଫ

ବ୍ରହ୍ମପୁର ଅଫିସ,୨୬।୭: ଜଣେ ଟ୍ରେନ ଯାତ୍ରୀଙ୍କ ବ୍ୟାଗ ଚୋରି ଅଭିଯୋଗରେ ରେଳବାଇ ଥାନା ପୋଲିସ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଗୋଠିଆଳି ଗ୍ରାମର ଏମ.ସନ୍ତୋଷ ଦୋରାଙ୍କୁ ଗିରଫ କରିଛି। ଚୋରି ବ୍ୟାଗ ତାଙ୍କଠାରୁ ଜବତ କରାଯାଇଥିବା ଥାନାଧିକାରୀ ସୁକାନ୍ତ ଭୋଇ ସୂଚନା ଦେଇଛନ୍ତି। ମାମଲା ନଂ. ୫୨/୧୯ରେ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଶେରଗଡର ସନ୍ତୋଷ କୁମାର ସ୍ୱାଇଁ ଭୁବନେଶ୍ୱର ଯିବାପାଇଁ ଗୁରୁବାର ସନ୍ଧ୍ୟାରେ ବ୍ରହ୍ମପୁର ରେଳଷ୍ଟେଶନକୁ ଆସି ବିଶ୍ରାମାଗାରରେ ଶୋଇଥିଲେ। ରାତି ପ୍ରାୟ ୩ଟାରେ ସନ୍ତୋଷଙ୍କ ବ୍ୟାଗଟି ଧରି ଅଭିଯୁକ୍ତ ଚମ୍ପଟ ମାରିଥିଲେ। ଷ୍ଟେଶନରେ ପାଟ୍ରୋଲିଂ କରୁଥିବା ପୋଲିସ ତାଙ୍କୁ ସନ୍ଦେହରେ କାବୁ କରି ପଚରାଉଚରା କରିଥିଲା।

## ଅବସରକାଳୀନ ସମ୍ବର୍ଦ୍ଧନା

ଗଞ୍ଜାମ,୨୬।୭(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ହୁମ୍ମା ବୀରଭଦ୍ର ହାଇସ୍କୁଲ ପ୍ରଧାନ ଶିକ୍ଷକ ନିରଞ୍ଜନ ଖାଡ଼ଙ୍ଗାଙ୍କୁ ଗୁରୁବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିଲାଗି ଆୟୋଜିତ ସଭାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁନୀଲ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଇଓ ସୁବାଷ ଚନ୍ଦ୍ର ଘଡ଼ାଇ, ସମ୍ମାନିତ ଅତିଥି ଭାବେ ସିଆର୍ସିସି ଦାମୋଦର ପଣ୍ଡା, ନିରଞ୍ଜନ ମହାପାତ୍ର, ନିରଞ୍ଜନ ମୁଦୁଲି, ଭାବଗ୍ରାହୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଖାଡ଼ଙ୍ଗାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପଣ୍ଡିତ ବିନାୟକ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ।

■ ୨୮ରୁ ଅନ୍ତର୍ଜାତୀୟ ନାଟକ ମହୋତ୍ସବ

# ଗୋଆ ଗଲେ ଗଞ୍ଜାମ କଳାକାର


ଗୋଆ ଗସ୍ତ କରିଥିବା କଳାକାରମାନେ ।

ବ୍ରହ୍ମପୁର ଅଫିସ,୨୬।୭

ଗୋଆଠାରେ ଆସନ୍ତା ୨୮ରୁ ୩୧ ତାରିଖ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ନାଟକ ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ଗଞ୍ଜାମ ଜିଲାର ୧୬ ଜଣିଆ ନାଟ୍ୟ ଦଳ ଶୁକ୍ରବାର ସକାଳେ ବ୍ରହ୍ମପୁର ରେଳଷ୍ଟେଶନରୁ ଗୋଆ ଯାତ୍ରା କରିଛନ୍ତି। ପାତ୍ରପୁର ବ୍ଲକ ସାହସପୁରର ମା’ ଦୁର୍ଗା ଶିକ୍ଷା ଓ ସାଂସ୍କୃତିକ ସଂଘର ଏହି କଳାକାରମାନେ ସେଠାରେ ରଞ୍ଜିତ ପଟ୍ଟନାୟକଙ୍କ ରଚିତ ଓ ରାଜଗୋପାଳ ପାଢ଼ୀଙ୍କ ନିର୍ଦ୍ଦେଶିତ ନାଟକ ‘ଉଭା କୁବେର ପୋତା ସପନ’ ପରିବେଷଣ କରିବେ। ନାଟକରେ ଅରୁଣ ସାହୁ ସଙ୍ଗୀତ ନିର୍ଦ୍ଦେଶନା ଦେବାକୁ ଥିବା ବେଳେ ନିର୍ଦ୍ଦେଶକଙ୍କ ସହ ଦୀନବନ୍ଧୁ ଶତପଥୀ, ଶ୍ୟାମ ସୁନ୍ଦର ମହାପାତ୍ର, ଭଗବାନ ମଲ୍ଲିକ ଓ ସୁଶାନ୍ତ ପାଣିଗ୍ରାହୀ ପ୍ରମୁଖ ଅଭିନୟ କରିବେ। ସେହିପରି ଭାଗବତ ପ୍ରସାଦ ପାଢ଼ୀ, ପ୍ରଦୀପ କୁମାର ପଣ୍ଡା, ସିଏଚ୍ ଦେବ ଦାସ, ଋତୁପର୍ଣ୍ଣା ପାଣିଗ୍ରାହୀ, ଗୋପାଳକୃଷ୍ଣ ପଣ୍ଡା, ନାଗେଶ୍ୱର ପାତ୍ର, କବିରାଜ ସାହୁ, ପ୍ରଭାସିନୀ ଶତପଥୀ, ନିରୂପାରାଣୀ ପାଢ଼ୀ, ଅମ୍ବିକା ପାଣିଗ୍ରାହୀ ଓ ଶ୍ରୀମୟୀ ପାଣିଗ୍ରାହୀ ପ୍ରମୁଖ କଳାକାର ଗୋଆ ଗସ୍ତ କରିଛନ୍ତି । ୨୮ ତାରିଖରେ ଉକ୍ତ ନାଟକ ମଞ୍ଚସ୍ଥ ହେବ ବୋଲି ସ୍ଥିର ହୋଇଛି। ଅଗଷ୍ଟ ୨ ତାରିଖରେ କଳାକାରମାନେ ବ୍ରହ୍ମପୁରରେ ପହଞ୍ଚିବେ ବୋଲି ନାଟ୍ୟସଂସ୍ଥା ପକ୍ଷରୁ ସୂଚନା ମିଳିଛି। ଦଳର ସଫଳତା ପାଇଁ ସଂଘର ସଭାପତି ରାଜେଶ ମହାନ୍ତି ସମସ୍ତ କଳାକାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଖଲ୍ଲିକୋଟ କଲେଜରେ ଛାତ୍ର ଅଶାନ୍ତି


ଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ବ୍ରହ୍ମପୁର ଅଫିସ୍,୨୬।୭

ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଏବଂ ଖଲ୍ଲିକୋଟ ଜୁନିୟର୍ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟାକୁ ନେଇ ଶୁକ୍ରବାର କେତେକ ଛାତ୍ର ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟ ଫାଟକକୁ ବନ୍ଦ କରିଥିଲେ। କଲେଜରେ କମ୍ନ ରୁମ୍ ନ ଥିବା ଯୋଗୁ ଛାତ୍ରୀଛାତ୍ରମାନେ ରାସ୍ତାରେ ସମୟ କାଟୁଛନ୍ତି । ପିଇବା ପାଇଁ ପାଣି ନାହିଁ । ଯୁକ୍ତ ୨ ଶ୍ରେଣୀ କକ୍ଷ ନାହିଁ । ଅଡିଟୋରିୟମ୍ ଅଭାବରୁ ସେମିନାର୍ ଆୟୋଜିତ ହୋଇପାରୁନି । କ୍ରୀଡ଼ା ଉପକରଣ ନାହିଁ । ଫଳରେ ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରୁନି। କଲେଜର ଏକମାତ୍ର ଷ୍ଟାଡିୟମ୍ର ଉନ୍ନତିକରଣ କରାଯାଉନି । କଲେଜରେ ଥିବା ବିଭିନ୍ନ ଯୁବ ସଂଗଠନ ଯଥା ଜାତୀୟ ସେବା ସଂସ୍ଥା, ସ୍କାଉଟ୍ ଏବଂ ଗାଇଡ୍, ରେଡକ୍ରସ୍ କାର୍ଯ୍ୟ କରାଯାଉନାହିଁ । କ୍ୟାମ୍ପସରେ ସ୍ୱତନ୍ତ୍ର ଶୌଚାଳୟ ନାହିଁ। ହଷ୍ଟେଲ୍ ଅଭାବ ଦେଖାଦେଇଛି । ଏସବୁ ସମସ୍ୟାର ସମାଧାନ ଦାବିରେ ଛାତ୍ର ଆନ୍ଦୋଳନ ଦେଖାଦେଇଥିଲା । ଟାଉନ୍ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲା । ସମସ୍ୟାର ସମାଧାନ ପାଇଁ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

# ଗଞ୍ଜେଇ ଭର୍ତ୍ତି ବ୍ୟାଗ୍ ଜବତ, ଜଣେ ଗିରଫ

ବ୍ରହ୍ମପୁର ଅଫିସ,୨୬।୭
ଗଞ୍ଜେଇ ଚେରୋ ଚାଲାଣ ଅଭିଯୋଗରେ ଟାଉନ ଥାନା ପୋଲିସ ଶୁକ୍ରବାର ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ପୁରୁଣା ବ୍ରହ୍ମପୁର ଗଙ୍ଗାଧରେଶ୍ୱର ମନ୍ଦିର ସାହିର ପ୍ରକାଶ ଚନ୍ଦ୍ର ସାହୁ ଓରଫ କାଳିଆ। ସକାଳେ ବିଜୟା ସିନେମା ହଲ ନିକଟରେ କାଳିଆଙ୍କ ବ୍ୟାଗ ପୋଲିସ ଯାଞ୍ଚ କରିବାରୁ ସେଥିରୁ ସାଢ଼େ ୭ କିଗ୍ରା ଗଞ୍ଜେଇ ମିଳିଥିଲା ବୋଲି ଏସଡିପିଓ ବିଷ୍ଣୁପ୍ରସାଦ ପତି ସୂଚନା ଦେଇଛନ୍ତି। କାଳିଆ ଗଞ୍ଜେଇ କେଉଁଠୁ ଆଣୁଛନ୍ତି ଏବଂ କାହାକୁ ବିକ୍ରି କରୁଛନ୍ତି ସେନେଇ ଜେରା କରାଯାଉଛି। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡିଛି।

■ ବ୍ରହ୍ମପୁରରେ ହେବ ଏଣ୍ଡୋକ୍ରାଇନ୍ ସୋସାଇଟିର ବାର୍ଷିକ ସମ୍ମିଳନୀ

# ଯୋଗଦେବେ ୭୦୦ରୁ ଊର୍ଦ୍ଧ୍ୱ ଡାକ୍ତର

ବ୍ରହ୍ମପୁର ଅଫିସ,୨୬।୭

ଓଡ଼ିଶା ଏଣ୍ଡୋକ୍ରାଇନ ସୋସାଇଟିର ୮ମ ବାର୍ଷିକ ସମ୍ମିଳନୀ ଡିସେମ୍ବର ୧୩ରୁ ୧୫ ତାରିଖ ୩ଦିନ ଧରି ଅନୁଷ୍ଠିତ ହେବ। ପ୍ରଥମ ଥର ପାଇଁ ବ୍ରହ୍ମପୁରରେ ଏହି ସମ୍ମିଳନୀ ହେବ। ଏଥିରେ ଭାରତର ବିଭିନ୍ନ ସ୍ଥାନରୁ ୭୦୦ରୁ ଊର୍ଦ୍ଧ୍ୱ ଡ଼ାକ୍ତର ଯୋଗଦେବେ। ସେମାନଙ୍କ ମଧ୍ୟରେ ଏଣ୍ଡୋକ୍ରାଇନୋଲୋଜିଷ୍ଟ, କାର୍ଡିଓଲୋଜିଷ୍ଟ, ମେଡିସିନ ସ୍ପେଶାଲିଷ୍ଟ, ଗାଇନୋକୋଲୋଜିଷ୍ଟ ଓ ପେଡିଆଟ୍ରିସିଆନ ପ୍ରମୁଖ ଯୋଗଦେବେ। ବ୍ରହ୍ମପୁର ବଡ଼ ମେଡିକାଲ ସୁପର ସ୍ପେଶାଲିଷ୍ଟ କୋଠାର ଏକ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୋସାଇଟିର ସାଙ୍ଗଠନିକ ସମ୍ପାଦକ ଡ଼. ପି. ରବି କୁମାର ଏହି ସୂଚନା ଦେଇଛନ୍ତି।

ଏଣ୍ଡୋକ୍ରାଇନ ସୋସାଇଟି ସମ୍ମିଳନୀରେ ହରମୋନଜନିତ ରୋଗ ଡାଇବେଟିସ, ଥାଇରଏଡ ଓ ପୃଥୁଳତା ଉପରେ ଆଲୋଚନା କରାଯିବ। ବହୁ ପ୍ରତିଷ୍ଠିତ ପ୍ରଫେସର, ବିଶେଷଜ୍ଞମାନେ ଏସବୁ ରୋଗର କାରଣ, ଲକ୍ଷଣ ଏବଂ ନିରାକରଣ ଉପରେ ନିଜ ନିଜର ବକ୍ତବ୍ୟ ରଖିବେ। ବର୍ତ୍ତମାନ ଭାରତ ବର୍ଷରେ ୭ କୋଟିରୁ ଊର୍ଦ୍ଧ୍ୱ ଲୋକ ଡାଇବେଟିସ ଏବଂ ପ୍ରାୟ ୧୦ରୁ ୧୫ ପ୍ରତିଶତ ଲୋକ ଥାଇରଏଡଜନିତ ରୋଗରେ ପୀଡିତ। ବିଶ୍ୱର ଅନ୍ୟ ଦେଶ ତୁଳନାରେ ଭାରତରେ ଅଧିକ ଡାଇବେଟିସ ରୋଗୀ ରହିଛନ୍ତି । ପିଲା ଦିନରୁ ଶରୀରରେ ଅଧିକ ଚର୍ବି ଜମା ହୋଇ ପୃଥଳତା ବଢ଼ିଲେ ଭବିଷ୍ୟତରେ ଡାଇବେଟିସ, ହାଇପରଟେନସନ ଓ ହୃଦଘାତ ହେବା ଆଶଙ୍କା ରହିଛି । ଏଭଳି ରୋଗର ଚିକିତ୍ସା କରୁଥିବା ଡ଼ାକ୍ତରଙ୍କ ଆବଶ୍ୟକ ଜ୍ଞାନ ଓ ନୂତନ ଚିକିତ୍ସା ପ୍ରଣାଳୀ ସମ୍ପର୍କରେ ଅବଗତ କରାଇବା କ୍ଷେତ୍ରରେ ଏହି ସମ୍ମିଳନୀ ବେଶ ସହାୟକ ହେବ ବୋଲି ଡ଼. ରବି କହିଛନ୍ତି। ସମ୍ମିଳନୀରେ ଉପସ୍ଥିତ ସାଙ୍ଗଠନିକ ଅଧ୍ୟକ୍ଷ ଡ. ଏସ.ଆର. ପଟ୍ଟନାୟକ ଥାଇରଏଡ ରୋଗ ଏବଂ ପୃଥଳତାର କାରଣ ଉପରେ ସୂଚନା ଦେଇଥିଲେ। ଏମକେସିଜି ମେଡିକାଲ କଲେଜର ଡିନ୍ ତଥା ଅଧକ୍ଷ ଆର.ସି. ପଟ୍ଟନାୟକ ସମ୍ମିଳନୀର ସଫଳତା କାମନା କରିଥିଲେ। ପ୍ରଫେସର ପିସି ସାହୁ, ଡ଼ା. ପ୍ରକାଶ ଚନ୍ଦ୍ର ପାତ୍ର ଓ ଡ଼ା. ସୁନୀଲ କୋଟା ଡାଇବେଟିସ ଓ ଥାଇରଏଡ ରୋଗ ସମ୍ପର୍କରେ ସୂଚନା ଦେଇଥିଲେ । କିଶୋର ଚନ୍ଦ୍ର ବାରିକ, ବସନ୍ତ କୁମାଳ ପାଳ, ବି. ଅଜିତ କୁମାର ପାତ୍ର, ଆଲୋକ ମହାନ୍ତି, ଚିତ୍ତରଞ୍ଜନ ମିଶ୍ର, ସଞ୍ଜୀବ ଶତପଥୀ ଓ ଦୀପକ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ଖବରଦାତା ସମ୍ମିଳନୀରେ ବରିଷ୍ଠ ପ୍ରଫେସର ଓ ଡାକ୍ତର।

■ ୩୦ରୁ ଏଆଇକେଏମ୍ଏସ୍ର ଜାତୀୟ ସାଧାରଣ ପରିଷଦ

# ଫୋକସ୍‌ରେ କୃଷି, କୃଷକଙ୍କ ସମସ୍ୟା

ବ୍ରହ୍ମପୁର ଅଫିସ୍,୨୬।୭

ଅଖିଳ ଭାରତ କିଷାନ୍ ମଜଦୁର ସଭା (ଏଆଇକେଏମ୍ଏସ୍)ର ସର୍ବଭାରତୀୟ ସାଧାରଣ ପରିଷଦ ଆସନ୍ତା ୩୦ ଏବଂ ୩୧ ତାରିଖରେ ବ୍ରହ୍ମପୁରର ପ୍ରକାଶମ୍ ହଲ୍ଠାରେ ଅନୁଷ୍ଠିତ ହେବ । ଏଥିରେ ବିଭିନ୍ନ ରାଜ୍ୟର ଦୁଇ ଶହ ପାଖାପାଖି କୃଷକ ନେତା ଯୋଗଦେଇ ଦେଶର କୃଷିକ୍ଷେତ୍ରରେ ଦେଖାଯାଇଥିବା ସଙ୍କଟ, କୃଷକ ଓ କୃଷି ଶ୍ରମିକମାନଙ୍କ ସମସ୍ୟା ଉପରେ ଚର୍ଚ୍ଚା କରିବା ସହ ଆନ୍ଦୋଳନ ପାଇଁ ଭବିଷ୍ୟତ ରଣନୀତି ସ୍ଥିର କରିବେ। ଶୁକ୍ରବାର ସ୍ଥାନୀୟ ଗଞ୍ଜାମ କଳାପରିଷଦ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଗଠନ ପକ୍ଷରୁ ଏହି ସୂଚନା ଦିଆଯାଇଛି ।

ଦେଶରେ ତୀବ୍ର ହେଉଥିବା କୃଷି ସଙ୍କଟର ପରିଣାମ ସ୍ୱରୂପ କୃଷି ଉତ୍ପାଦନ ହ୍ରାସ ଓ କୃଷି ମଜୁରୀ ବି ହ୍ରାସ ପାଇବାରେ ଲାଗିଛି । କ୍ରମବର୍ଦ୍ଧିତ ବେରୋଜଗାରୀ, କୃଷିଋଣ ଭାରରେ ବୃଦ୍ଧି, କୃଷିର ଉତ୍ପାଦନ ଖର୍ଚ୍ଚରେ ବୃଦ୍ଧି ଏବଂ କୃଷକ ଆତ୍ମହତ୍ୟା, ଅଧିକରୁ ଅଧିକ କୃଷକ କୃଷି ଛାଡ଼ିବା, ଗ୍ରାମାଞ୍ଚଳରୁ ପଳାୟନ ଆଦି ଉପରେ ବିଚାର ବିମର୍ଷ କରାଯିବ । ଏଆଇକେଏମ୍ଏସ୍ ଜାତୀୟ ପରିଷଦ ଉପରୋକ୍ତ ସମସ୍ୟା ଉପରେ ଦେଶର ବିଭିନ୍ନ ପ୍ରାନ୍ତରେ ଚାଲିଥିବା ଆନ୍ଦୋଳନ ଗୁଡ଼ିକର ସମୀକ୍ଷା କରିବା ସହିତ ଭବିଷ୍ୟତରେ କୃଷକ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ଏକ ରଣନୀତି ସ୍ଥିର କରିବ। ସାଧାରଣ ପରିଷଦରେ ଉଭୟ କେନ୍ଦ୍ର ତଥା ରାଜ୍ୟ ସରକାରମାନଙ୍କ ଦ୍ୱାରା ଜଙ୍ଗଲ ଅଧିକାର ଆଇନ – ୨୦୦୬କୁ ଲାଗୁ ନ କରିବା, ପ୍ରାୟ ଏଗାର ଲକ୍ଷ ଆଦିବାସୀ ତଥା ପାରମ୍ପରିକ ବନଜୀବୀ ପରିବାରଙ୍କୁ ଉଚ୍ଛେଦ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ, ଭାରତୀୟ ଜଙ୍ଗଲ ଆଇନ– ୧୯୨୭ରେ ସଂଶୋଧନକୁ ବିରୋଧ, ଭୂସଂସ୍କାର ଆଇନକୁ କାର୍ଯ୍ୟକାରୀ କରିବାରେ ବିଫଳତା, କର୍ପୋରେଟ୍ଗୁଡ଼ିକୁ ଚାଷଜମି ହସ୍ତାନ୍ତର ଏବଂ ଭାଗଚାଷୀମାନଙ୍କୁ ଆଇନଗତ ମାନ୍ୟତା ଦେବା ସମ୍ପର୍କରେ ଆଲୋଚନା ହେବ। କାଳିଆ, ପିଏମ୍ କିଷାନ, ରଇତବନ୍ଧୁ ପରି ଶସ୍ତା ଯୋଜନା ଓ ତାର ପ୍ରଭାବ ଉପରେ ଆଲୋଚନା କରାଯିବ। ସେହିପରି ମରୁଡ଼ି ପରିସ୍ଥିତି ଏବଂ ତାର ସ୍ଥାୟୀ ସମାଧାନ କରିବାରେ ସରକାରଙ୍କ ବିଫଳତା, ଜଳସଙ୍କଟ ତଥା ଆନ୍ତଃରାଜ୍ୟ ନଦୀଜଳ ବଣ୍ଟନ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହେବ। ସଂଗଠନର ଜାତୀୟ କାର୍ଯ୍ୟକାରୀ କମିଟିର ସଭାପତି ଭି. ଭେଙ୍କଟରାମେୟା, ସାଧାରଣ ସମ୍ପାଦକ ଡ଼. ଆଶିଷ ମିତ୍ତଲ, ଉପସଭାପତି ନିର୍ଭୟ ସିଂ ଗୁର୍ଜରଙ୍କ ସମେତ ସମସ୍ତ କେନ୍ଦ୍ରୀୟ ନେତୃବୃନ୍ଦ, ବିଭିନ୍ନ ରାଜ୍ୟରୁ ପ୍ରତିନିଧି ଏବଂ ପରିଦର୍ଶକ ପ୍ରତିନିଧି ଯୋଗଦେବେ । ରାଜ୍ୟର ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ଅବସରପ୍ରାପ୍ତ ପ୍ରଫେସର ଡ଼. ଗୋଲକ ବିହାରୀ ନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟ ପ୍ରଦାନ କରିବେ । ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ବରିଷ୍ଠ ଆଇନଜୀବୀ ଭଗବାନ ସାହୁଙ୍କ ଅଧକ୍ଷତାରେ ସହରର ତଥା ଜିଲାର କେତେଜଣ ପ୍ରମୁଖ ବୁଦ୍ଧିଜୀବୀ ଏବଂ ସାମାଜିକ–ରାଜନୈତିକ କର୍ମୀଙ୍କୁ ନେଇ ଏକ ଅଭ୍ୟର୍ଥନା ସମିତି ଗଠନ କରାଯାଇଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଆଇକେଏମଏସ୍ ଜାତୀୟ ସଂପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ କମିଟି ସଦସ୍ୟା ପ୍ରତାପ ନାୟକ, ଜିଲା କମିଟି ସଦସ୍ୟ ଲଡ୍ଡୁ କିଶୋର ଡ଼ାକୁଆ ଏବଂ ଅଭ୍ୟର୍ଥନା ସମିତିର ୨ ସଦସ୍ୟ ଇଂ ରାଜା ସୁରେଶ ଓ ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଙ୍ଗଠନର କର୍ମକର୍ତ୍ତାମାନେ ।




# ଦୁର୍ଘଟଣା ହ୍ରାସ, ଜିରୋ କାଜୁଆଲଟିକୁ ଗୁରୁତ୍ୱ

**ଛତ୍ରପୁର,୨୬ା୭(ଡି.ଏନ.ଏ.)**

## ଗଞ୍ଜାମ ଏସ୍‌ପି ଡାକିଲେ ବୈଠକ

ଛତ୍ରପୁରସ୍ଥିତ ଗଞ୍ଜାମ ଏସପିଙ୍କ କାର୍ଯ୍ୟାଳୟର ସମ୍ମିଳନୀ ଗୃହରେ ଶୁକ୍ରବାର ସଡ଼କ ସୁରକ୍ଷା ସମ୍ପର୍କୀତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସପି ବ୍ରିଜେଶ କୁମାର ରଏ ଅଧ୍ୟକ୍ଷତା କରିଥିଲେ। ଗଞ୍ଜାମ ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ଅଞ୍ଚଳରେ ଦିନକୁ ଦିନ ସଡକ ଦୁର୍ଘଟଣା ବୃଦ୍ଧି ପାଉଛି ଏଥିରେ ଲୋକଙ୍କ ମୃତ୍ୟୁ ମଧ୍ୟ ହେଉଛି। ଜାତୀୟ ରାଜପଥ, ରାଜ୍ୟ ଏନଏଚ୍, ଷ୍ଟେଟ୍ ହାଇୱେ ଏବଂ ଅନ୍ୟ ରାସ୍ତାଗୁଡିକରେ ଦୁର୍ଘଟଣା ଘଟୁଛି ଗତ ୬ ମାସ ମଧ୍ୟରେ ଜିଲାରେ ୪୧୧ ଦୁର୍ଘଟଣା ଘଟି ୨୩୧ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୬୩ ଜଣ


ବୈଠକରେ ଉପସ୍ଥିତ ଏସ୍‌ପି ଓ ଅନ୍ୟମାନେ।

ଗୁରୁତର ଆହତ ହୋଇଛନ୍ତି। ସଡ଼କ ଦୁର୍ଘଟଣାକୁ କିଭଳି ରୋକାଯାଇ ପାରିବ ଏବଂ ଜିରୋ କାଜୁଆଲିଟି (ଶୂନ ମୃତ୍ୟୁ) ହୋଇପାରିବ ତାହା ଉପରେ ଏସ୍‌ପି ଗୁରୁତ୍ୱାରୋପ କରିଥିଲେ। ସର୍ବାଧିକ ଗଞ୍ଜାମ ପୋଲିସ ଜିଲା ହିଞ୍ଜିଳି ଥାନା ଅଞ୍ଚଳରେ ୧୯, ପୁରୁଷୋତ୍ତମପୁର ଥାନା ଅଞ୍ଚଳରେ ୧୪, ଖଲ୍ଲିକୋଟ ଥାନା ଅଞ୍ଚଳରେ ୧୭, ଭଞ୍ଜନଗର ଥାନା ଅଞ୍ଚଳରେ ୨୩ ଓ ରମ୍ଭା ଥାନା ଅଞ୍ଚଳରେ ୧୧ ଦୁର୍ଘଟଣା ହୋଇଛି। ନିୟମିତ ହେଲମେଟ୍ ଚେକିଂ କରିବା ସହ ବାରମ୍ବାର ଦୁର୍ଘଟଣା ଘଟୁଥିବା ରାସ୍ତା ଗୁଡିକରେ କିଭଳି ଦୁର୍ଘଟଣା କମିବ ସେନେଇ ପଦକ୍ଷେପ ନେବାକୁ ଏସପି ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଏସପି ପତିତପାବନ ଚୌଧୁରୀ, ସୀତାରାମ ଶତପଥୀ ଓ ଅମରେଶ ପଣ୍ଡା, ଡିଏସପି ଏସ୍. ସାମଲ, ରିଜର୍ଭ ଇନ୍ସପେକ୍ଟର ସୁବଳ ସୋରେନ୍, ଗଞ୍ଜାମ ଆରଟିଓ ସଞ୍ଜୟ କୁମାର ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଖାଲରେ ବୁଡି ଶିଶୁ ମୃତ

**ଖଜୁରିପଡା, ୨୬ା୭ (ଡି.ଏନ୍.ଏ.)**

ଖଜୁରିପଡା ଥାନା ଦାତପାଙ୍କୁ ଗ୍ରାମରେ ଶୁକ୍ରବାର ଏକ ଅଘଟଣ ଘଟିଛି। ବାପାଙ୍କ ପଛରେ ଯାଉଥିବା ୩ବର୍ଷର ଶିଶୁକନ୍ୟା ବିଲ କଣରେ ଥିବା ଏକ ଖାଲରେ ବୁଡିଯାଇ ମୃତ୍ୟୁ ଘଟିଛି। ସେ ହେଲେ ଏଲିନା ମଲ୍ଲିକ। ସ କ । ଳ ୭ଟାରେ ସୁମନ୍ତ ଗୋରୁ ଖୋଜିବାକୁ ବିଲମାଳକୁ ଯାଇଥିଲେ। ତାଙ୍କ ପଛେ ଝିଅ ଏଲିନା ଚାଲିଯାଇଥିଲେ। ମାତ୍ର ସୁମନ୍ତ ଏହା ଦେଖି ନ ଥିଲେ। ଯିବାବେଳେ ବିଲ କଣରେ ଥିବା ପ୍ରାୟ ୮ଫୁଟ ଗଭୀରର ଗଣ୍ଡରେ ଏଲିନା ପଡିଯାଇଥିଲେ। ପୂର୍ବାହ୍ନରେ ତାଙ୍କ ମା' ଖୋଜାଖୋଜି କରିବା ପରେ ଏଲିନାଙ୍କ ମୃତଦେହ ଖାଲରେ ଭାସୁଥିବା ଦେଖିଥିଲେ। ଖଜୁରିପଡା ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ଫୁଲବାଣୀ ମେଡିକାଲରେ ବ୍ୟବଚ୍ଛେଦ କରାଇଛି।

# ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

**ହିଞ୍ଜିଳିକାଟୁ,୨୬ା୭ (ଡି.ଏନ୍.ଏ.)**

ହିଞ୍ଜିଳି ଥାନା ପିତଳଛକ ଠାରେ ଶୁକ୍ରବାର ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ ରାମଚନ୍ଦ୍ରପୁର ଗ୍ରାମର ନମିତା ଗୌଡ। ନମିତା ବିଲରୁ ତଳି ରୁଆସାରି ଘରକୁ ଫେରୁଥିଲେ। ସମ୍ପୃକ୍ତ ବ୍ୟକ୍ତି ଜଣକ କୋଡ଼ି ଛଡ଼ାଇ ତାଙ୍କୁ ଆକ୍ରମଣ କରିଥିଲେ। ବିଲରେ କାମ କରୁଥିବା ଲୋକେ ଆସି ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଡ଼ାକ୍ତରଖାନାକୁ ନେଇଥିଲେ। ପରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଆକ୍ରମଣକାରୀ ଜଣକ କିଛିଦିନ ହେଲା ସେହି ଅଞ୍ଚଳକୁ ଆସିଥିବାବେଳେ ସେ ମାନସିକ ବିକୃତ ବୋଲି ଅନୁମାନ କରାଯାଉଛି। ପୋଲିସ ତାଙ୍କୁ ପଚରାଉଚରା କରଛି।

# ଉଚ୍ଛେଦ ଦାବିରେ ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

**ଫୁଲବାଣୀ ଅଫିସ, ୨୬ା୭**

## ଖେଳ ପଡିଆ ଜବରଦଖଲ

ଫୁଲବାଣୀ ବ୍ଲକ ଦଡକି ପଞ୍ଚାୟତ ଦୁବଗଡ(ଅନୁସୂଚିତ ଜାତି ସାହି) ବେଣାକେରାରେ ଥିବା ଏକ ଖେଳ ପଡିଆକୁ ଜଣେ ବ୍ୟକ୍ତି ଜବରଦଖଲ କରିଛନ୍ତି। ଗ୍ରାମବାସୀ ବିରୋଧ କରିବାକୁ ତାଙ୍କୁ ଧମକ ଦେଉଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଶୁକ୍ରବାର ଗ୍ରାମବାସୀ ଜିଲାପାଳ, ବିଡିଓ, ତହସିଲଦାର, ବନଖଣ୍ଡ ଅଧିକାରୀଙ୍କୁ ଭେଟି ଜବରଦଖଲ ଉଚ୍ଛେଦ ପାଇଁ ଦାବି କରିଛନ୍ତି। ଏଥିସହ ସଦର ଥାନାରେ ମଧ୍ୟ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଦୁବଗଡ ପଞ୍ଚାୟତ ବେଣାକେରା ଗ୍ରାମ ୧୧ ନଂ. ୱାର୍ଡରେ ଅବସ୍ଥିତ। ପ୍ଲଟ ନଂ.୪୭୨, ୪୭୩କୁ ପୂର୍ବ ପୁରୁଷ ଅମଳରୁ ଖେଳ ପଡିଆ


ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ

ଭାବେ ସ୍ଥାନୀୟ ଲୋକେ ବ୍ୟବହାର କରୁଛନ୍ତି। ମାତ୍ର କିଛିଦିନ ହେବ ଏହି ପଡିଆକୁ ଲାଗି ଜଣେ ବ୍ୟକ୍ତି ଘର ତିଆରି କରୁଛନ୍ତି। ପଡିଆକୁ ନିଜ ଅକ୍ତିଆରକୁ ନେବା ପାଇଁ ସେ ଜେସିବି ଲଗାଇ ସମତୁଲ କରିଛନ୍ତି। ପଡିଆରେ ଥିବା ଗଛ ମଧ୍ୟ କାଟି ଦେଇଛନ୍ତି। ଜବରଦଖଲ ଉଚ୍ଛେଦ କରିବାକୁ ୱାର୍ଡ ମେମ୍ବର ଶ୍ରୀମତି ବେହେରା, କୃତିବାସ ନାୟକ, ପଞ୍ଚାନନ ବେହେରା, ଦଣ୍ଡପାଣୀ ପଟ୍ଟନାୟକ, ଶ୍ରୀବତ୍ସ ମଲ୍ଲିକ, ରମେଶ ବେହେରା, ପ୍ରଶାନ୍ତ ବେହେରା, ଜଗଦୀଶ ନାୟକଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି।

# ଅଟୋ ଓଲଟି ଜଣେ ମୃତ

**ଗୋପାଳପୁର, ୨୬ା୭**

ଗୋପାଳପୁର ୧୬ନଂ. ଜାତୀୟ ରାଜପଥରେ ଗୁରୁବାର ଏକ ଅଟୋ ଓଲଟି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଏ. ସୁରେନ୍ଦ୍ର ରେଡ୍ଡୀ। ଗଞ୍ଜାମ ଥାନା ପାଳିବନ୍ଧ ଗାଁରୁ ଗୁରୁବାର ସନ୍ଧ୍ୟାରେ ସୁରେନ୍ଦ୍ର, ଜଗନ୍ନାଥ ଓ ଅନ୍ୟ୨ଜଣ ଅଟୋରେ ଇଚ୍ଛାପୁର ଯାଉଥିଲେ। ଗୋଲନ୍ଥରା ନିକଟରେ ଅଟୋଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ସୁରେନ୍ଦ୍ର ଓ ଜଗନ୍ନାଥଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ସୁରେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ନଂ. ୧୮୧/୧୯ରେ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ